# NATIONAL NEWS BULLETIN (ODIA)

**11 December- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଦୀପାବଳି କେବଳ ଏକ ପର୍ବ ନୁହେଁ, ବରଂ ଅନ୍ଧକାର ଉପରେ ଆଲୋକର ବିଜୟର ପ୍ରତୀକ : କହିଲେ ରାଜ୍ୟସଭା ଅଧ୍ୟକ୍ଷ

- ଇଣ୍ଡିଗୋର ସିଇଓ ପିଟର୍ ଏଲ୍‌ବର୍ସଙ୍କୁ ଆଜି ଅପରାହ୍ନ ସୁଦ୍ଧା ହାଜର ହେବାକୁ ଡିଜିସିଏର ନିର୍ଦ୍ଦେଶ

- ମଣିପୁରରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମରେ ଆଜି ଅଂଶ ଗ୍ରହଣ କରିବେ ରାଷ୍ଟ୍ରପତି

- ପେଟ୍ରୋଲ୍‌ରେ ୨୦ ପ୍ରତିଶତ ଏଥାନଲ୍ ମିଶ୍ରଣ ଫଳରେ ଦେଶରେ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ ପାଇଛି, କହିଲେ ରାଜପଥ ମନ୍ତ୍ରୀ

ଏବଂ

- ଚଣ୍ଡିଗଡରେ ଆଜି ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବ ଦ୍ୱିତୀୟ ଟି-୨୦ କ୍ରିକେଟ୍ ମ୍ୟାଚ୍

## ରାଜ୍ୟସଭା-ଦୀପାବଳି

ଦୀପାବଳିକୁ ୟୁନେସ୍କୋ ମାନବତାର ବିରଳ ସାଂସ୍କୃତିକ ଐତିହ୍ୟର ପ୍ରତିନିଧି ତାଲିକାରେ ଅନ୍ତର୍ଭୁକ୍ତ କରିଥିବାରୁ ରାଜ୍ୟସଭାରେ ଏହାକୁ ସ୍ୱାଗତ କରାଯାଇଛି । ରାଜ୍ୟସଭା ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ ଦେଶ ପାଇଁ ଏହା ଏକ ଗର୍ବର ବିଷୟ ବୋଲି କହିଛନ୍ତି । ଦୀପାବଳି ଖାଲି ଏକ ପର୍ବ ନୁହେଁ,

ଏହା ଅନ୍ଧାର ଉପରେ ଆଲୋକର ଏବଂ ଅଜ୍ଞାନ ଉପରେ ଜ୍ଞାନର ବିଜୟର ପ୍ରତୀକ । ଅଧ୍ୟକ୍ଷ ଶ୍ରୀ କ୍ରିଷ୍ଣନ କହିଛନ୍ତି, ୟୁନେସ୍କୋର ଏହି ପଦକ୍ଷେପ ଦୀପାବଳି ପର୍ବକୁ ଆହୁରି ନିଷ୍ଠା ଓ ଉତ୍ସାହର ସହିତ ପାଳନ କରିବାକୁ ଲୋକମାନଙ୍କ ମଧ୍ୟରେ ପ୍ରେରଣା ଦେଇଛି ।

## ୟୁନେସ୍କୋ-ରାମ ଟେମ୍ପୁଲ୍

ଦୀପାବଳିକୁ ୟୁନେସ୍କୋ ମାନବତାର ବିରଳ ସାଂସ୍କୃତିକ ଓ ଐତିହ୍ୟର ପ୍ରତିନିଧି ତାଲିକାରେ ଅନ୍ତର୍ଭୁକ୍ତ କରିଥିବାରୁ  କେନିଆସ୍ଥିତ ରାମମନ୍ଦିରରେ ଆୟୋଜିତ ଉତ୍ସବରେ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତି ବର୍ଦ୍ଧନ ସିଂ ଯୋଗ ଦେଇଛନ୍ତି । କେନିଆରେ ୧୯୧୯ ମସିହାରେ ପ୍ରତିଷ୍ଠିତ ଏହି ରାମ ମନ୍ଦିର ଉଭୟ ଦେଶ ମଧ୍ୟରେ ସଂପର୍କର ବାର୍ତ୍ତା ବହନକରେ । ଉତ୍ସବରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସିଂ କହିଛନ୍ତି, ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିଶ୍ୱକୁ ଶାନ୍ତି ଓ ସ୍ଥିରତାର ବାର୍ତ୍ତା ଦେବା ସହିତ ପ୍ରଶଂସିତ ହୋଇପାରିଛି । ଚଳିତମାସ ୮ ତାରିଖରୁ ଆରମ୍ଭ ହୋଇଥିବା ୫ ଦିନିଆ ଜାତିସଂଘ ପରିବେଶ ସଭାର ସପ୍ତମ ଅଧିବେଶନରେ ଯୋଗଦେବା ପାଇଁ ଶ୍ରୀ ସିଂ କେନିଆ ଗସ୍ତରେ ଅଛନ୍ତି ।

---

## ଡିଜିସିଏ-୧

ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ -ଡିଜିସିଏ ଇଣ୍ଡିଗୋର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ -ସିଇଓ ପିଟର ଏଲ୍‌ବର୍ସଙ୍କୁ ଡିଜିସିଏ ନିକଟରେ ଆଜି ଅପରାହ୍ନ ସୁଦ୍ଧା ହାଜର ହେବାକୁ ନିର୍ଦ୍ଦେଶ ଦେଇଛି । ଦେଶବ୍ୟାପୀ ଇଣ୍ଡିଗୋର ବ୍ୟାପକ ବିମାନ ବାତିଲ ଏବଂ ବିଳମ୍ବକୁ ନେଇ ଡିଜିସିଏ ପକ୍ଷରୁ ଏହି ସମନ ଜାରି କରାଯାଇଛି । ଇତିମଧ୍ୟରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କିଞ୍ଜରାପୁ ରାମମୋହନ ନାଇଡୁ ଦେଶବ୍ୟାପୀ ଇଣ୍ଡିଗୋ ବିମାନ ସେବା କାର୍ଯ୍ୟର ପରିଚାଳନା

ବ୍ୟବସ୍ଥାକୁ ଦେଖିବା ପାଇଁ ଆଜି ଇଣ୍ଡିଗୋ କଣ୍ଟ୍ରୋଲ କଣ୍ଟ୍ରୋଲ୍ ରୁମ୍ ପରିଦର୍ଶନ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ଶ୍ରୀ ନାଇଡୁ କହିଛନ୍ତି, ଯାତ୍ରୀମାନଙ୍କ ଅଭିଯୋଗକୁ ଦୃଷ୍ଟିରେ ରଖି ସମୟୋପଯୋଗୀ ବିମାନ ଚଳାଚଳ କରିବା ପାଇଁ ନିୟମିତ ସତର୍କତା ଅବଲମ୍ବନ କରାଯାଉଛି । ଯାତ୍ରୀମାନଙ୍କର ଅସୁବିଧାକୁ ଦୂର କରିବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବା ଉପରେ କଣ୍ଟ୍ରୋଲ୍ ରୁମ୍ ସଦସ୍ୟମାନେ ସମସ୍ତେ ଉଦ୍ୟମ କରୁଥିବା ମନ୍ତ୍ରୀ କହିଛନ୍ତି ।

ସୂଚନାଯୋଗ୍ୟ, ଦେଶରେ ଇଣ୍ଡିଗୋ ବିମାନ ଚଳାଚଳରେ ବ୍ୟାହତ ଏବଂ ବିଳମ୍ବର ସମାଧାନ ପାଇଁ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ ଡିଜିସିଏ ପକ୍ଷରୁ ଗୁରୁଗ୍ରାମଠାରେ ଇଣ୍ଡିଗୋ କର୍ପୋରେଟ କାର୍ଯ୍ୟାଳୟରେ ଏକ ୮ ଜଣିଆ ଦଳ ଗଠନ କରାଯାଇଛି । ଉପମୁଖ୍ୟ ବିମାନ ଚଳାଚଳ ନିରୀକ୍ଷକ କ୍ୟାପଟେନ୍ ବିକ୍ରମ ଶର୍ମାଙ୍କ ଅଧକ୍ଷତାରେ ୮ଜଣିଆ ଦଳ ଉଭୟ କକ୍‌ପିଟ୍ ଏବ କ୍ୟାବିନ୍ ଷ୍ଟାଫଙ୍କ ପାଇଁ ଅସ୍ଥାୟୀ କର୍ମଚାରୀ, କାର୍ଯ୍ୟକାରୀ ସମୟ, କର୍ମଚାରୀ ଉପଲବ୍ଧତା, ବିମାନ ସଂଖ୍ୟା ସମ୍ପର୍କରେ କାର୍ଯ୍ୟ ତଦାରଖ କରିବେ । ଦୈନିକ କ୍ରମାବର୍ତ୍ତନ ଭିତ୍ତିରେ ଏୟାରଲାଇନ୍ କାର୍ଯ୍ୟାଳୟରେ ୨ଜଣ ସଦସ୍ୟ ଉପସ୍ଥିତ ରହିବେ । ଡିଜିସିଏର ଅଧିକାରୀ ଅଏସବୀର ସିଂହ ଏବଂ ମଣିଭୂଷଣ ବିମାନର ଦୈନିକ ବାତିଲ, ଅର୍ଥ ଫେରସ୍ତ ପ୍ରକ୍ରିୟା, ଯାତ୍ରୀ କ୍ଷତିପୂରଣ ଆଦି ବ୍ୟବସ୍ଥାର ଅନୁଧ୍ୟାନ କରିବେ ।

---

## ପ୍ରେସିଡେଣ୍ଟ-ମଣିପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ମଣିପୁରକୁ ଦୁଇଦିନିଆ ଗସ୍ତରେ ଯାଉଛନ୍ତି । ଏହି ଗସ୍ତକାଳରେ ରାଷ୍ଟ୍ରପତି ମଣିପୁରର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । ରାଷ୍ଟ୍ରପତି ମୁର୍ମୁ ଆଜି ଇମ୍ଫାଲଠାରେ ପହଞ୍ଚିବେ । ତାଙ୍କୁ ସେଠାରେ ପାରମ୍ପରିକ ଗାର୍ଡ ଅଫ୍ ଅନ୍‌ର ପ୍ରଦାନ କରାଯିବ । ଏହାପରେ ସେ ଐତିହାସିକ ମାପାଲ କାଙ୍ଗଜେଇବୁଙ୍ଗ ଯାତ୍ରା କରି ପୋଲୋ

ପ୍ରଦର୍ଶନୀ ମ୍ୟାଚ୍ ଦେଖିବେ । ଏହା ରାଜ୍ୟର ସମୃଦ୍ଧ କ୍ରୀଡ଼ା ଐତିହ୍ୟ ବହନ କରିଥାଏ । ସଂଧ୍ୟାରେ ରାଷ୍ଟ୍ରପତି ମଣିପୁର ସରକାରଙ୍କ ଦ୍ୱାରା ଇମ୍ଫାଲସ୍ଥିତ ସିଟି କନ୍‌ଭେନସନ ସେଣ୍ଟରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବେ । ସେ ରାଜ୍ୟର ଭିନ୍ନଭିନ୍ନ ସ୍ଥାନରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଭିତ୍ତିଭୂମି ଏବଂ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମଧ୍ୟ ଯୋଗଦେବେ । ଆସନ୍ତାକାଲି ରାଷ୍ଟ୍ରପତି ଇମ୍ଫାଲଠାରେ ନୁପି ଲାଲ ସ୍ମାରକୀସ୍ଥଳ ଗସ୍ତ କରି ମଣିପୁରର ବୀର ମହିଳା ଯୋଦ୍ଧାମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବେ । ଏହାପରେ ସେ ସେନାପତି ଗସ୍ତ କରି ସେଠାରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବେ । ଜିଲ୍ଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ରାଷ୍ଟ୍ରପତି ସେଠାରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ ।

## ଗଡ଼କରୀ

ସଡ଼କ, ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି, ପେଟ୍ରୋଲରେ ୨୦ ପ୍ରତିଶତ ଏଥାନଲ୍ ମିଶ୍ରଣ ଫଳରେ ଦେଶରେ ୭୩୬ଲକ୍ଷ ଟନ୍ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ ପାଇଛି । ଆଜି ଲୋକସଭାରେ ଏ ସଂପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ଗଡ଼କରୀ କହିଛନ୍ତି ଏଥାନଲ୍ ସବୁଜ ଇନ୍ଧନ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ସହିତ କୃଷକମାନଙ୍କ ଆୟ ବୃଦ୍ଧିରେ ସହାୟକ ହୋଇଛି । ଏବେ ଭାରତ ପ୍ରତିବର୍ଷ ୨୨ ଲକ୍ଷ କୋଟି ଟଙ୍କା ମୂଲ୍ୟର ଖଣିଜ ତୈଳ ବିଦେଶରୁ ଆମଦାନୀ କରୁଛି । ବିକଶିତ ରାଷ୍ଟ୍ର ହେବାକୁ ହେଲେ ଭାରତକୁ ଖଣିଜ ତୈଳ ଆମଦାନୀ ହ୍ରାସ କରିବା ଆବଶ୍ୟକ ।

**V/O (Gadkari)**

# ଏଚ୍‌ଏମ୍‌-ସ୍ପିଚ୍‌

ଲୋକସଭାରେ ନିର୍ବାଚନ ସଂସ୍କାର ସଂପର୍କିତ ଆଲୋଚନାରେ ଅଂଶଗ୍ରହଣ କରି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଦେଇଥିବା ବକ୍ତବ୍ୟକୁ କେନ୍ଦ୍ରମନ୍ତ୍ରୀ ଅର୍ଜୁନରାମ ମେଘୱାଲ ସ୍ୱାଗତ କରିଛନ୍ତି । ଶ୍ରୀ ମେଘୱାଲ କହିଛନ୍ତି, ଯେଉଁମାନେ ଦେଶର ନାଗରିକ ସେହିମାନେ ହିଁ ମତଦାତା- ଏହି ବାର୍ତ୍ତାଟି ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶାହାଙ୍କ ବକ୍ତବ୍ୟର ମୂଳକଥା ।

**V/O (Meghawal)**

ବିଜେପି ସାଂସଦ ଦିନେଶ ଶର୍ମା ମଧ୍ୟ ଅନୁରୂପ ଭାବେ ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶାହାଙ୍କ ବକ୍ତବ୍ୟକୁ ପ୍ରଶଂସା କରି କହିଛନ୍ତି, ବିରୋଧୀଦଳ ପକ୍ଷରୁ ଏସ୍‌.ଆଇ.ଆର୍‌.କୁ ନେଇ ଦିଆଯାଇଥିବା ବିଭ୍ରାନ୍ତିକର ତଥ୍ୟର ଶ୍ରୀ ଶାହା କଡ଼ା ଜବାବ ଦେଇଛନ୍ତି ।

---

# ନାବାର୍ଡ

ଗ୍ରାମାଞ୍ଚଳ ଅର୍ଥନୀତିର ସ୍ଥିତି ଓ ଏ ନେଇ ଲୋକଙ୍କର ମନୋଭାବ ସଂପର୍କିତ କରାଯାଇଥିବା ନାବାର୍ଡର ସଦ୍ୟତମ ସର୍ଭେ ଅନୁଯାୟୀ, ଗ୍ରାମାଞ୍ଚଳରେ ବିଭିନ୍ନ ସାମଗ୍ରୀର ଚାହିଦା ବୃଦ୍ଧି ପାଇଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ସର୍ଭେର ଅଷ୍ଟମ ପର୍ଯ୍ୟାୟରେ ଜଣାପଡ଼ିଛି ଯେ ଗ୍ରାମାଞ୍ଚଳରେ ପ୍ରତ୍ୟେକ ପରିବାରର ଆୟ ଓ ଜୀବନଶୈଳୀ ମାନରେ ଗତବର୍ଷ ତୁଳନାରେ ଉନ୍ନତି ପରିଲକ୍ଷିତ ହୋଇଛି । ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଚଳିତବର୍ଷ ୮୦ ପ୍ରତିଶତ ଗ୍ରାମାଞ୍ଚଳ ପରିବାର ଗୁଡ଼ିକର ଖର୍ଚ୍ଚ କରିବାର କ୍ଷମତା ବୃଦ୍ଧି ପାଇଛି । ପ୍ରତ୍ୟେକ ପରିବାର ସେମାନଙ୍କ ମାସିକ

ଆୟର ପ୍ରାୟ ୬୭ ଦଶମିକ ୩ ପ୍ରତିଶତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କ୍ରୟ ପାଇଁ ବ୍ୟୟ କରୁଛନ୍ତି । ଜିଏସଟି ଦରରେ ସଂଶୋଧନ ଯୋଗୁଁ ଏହି ଅଭିବୃଦ୍ଧି ପରିଲକ୍ଷିତ ହୋଇଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

ସୂଚନାଯୋଗ୍ୟ, ନାବାର୍ଡ ପକ୍ଷରୁ ପ୍ରତି ୨ ମାସରେ ଥରେ ଦେଶବ୍ୟାପୀ ଏହିଭଳି ସର୍ଭେ କରାଯାଇଥାଏ ।

## ସୁପ୍ରିୟା ସାହୁ

ତାମିଲନାଡୁର ପରିବେଶ, ଜଳବାୟୁ ପରିବର୍ତ୍ତନ ଓ ଜଙ୍ଗଲ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ସୁପ୍ରିୟା ସାହୁ ଜାତିସଂଘ ପରିବେଶ କାର୍ଯ୍ୟକ୍ରମ ୨୦୨୫ ପାଇଁ ଚମ୍ପିୟାନ୍ସ ଅଫ୍ ଦି ଆର୍ଥ୍ ପୁରସ୍କାର ପାଇଛନ୍ତି । ଜଳବାୟୁ ସଂପର୍କିତ ଆହ୍ୱାନ ଗୁଡ଼ିକର ମୁକାବିଲା କରିବା ଅଭିଯାନରେ ସେ ଦେଶର ଜଣେ ଆଗଧାଡ଼ିର ପରିବେଶବିତ୍ । ଜାତିସଂଘ ପରିବେଶ କାର୍ଯ୍ୟକ୍ରମ -ୟୁଏନ୍ଇପି ଅନୁଯାୟୀ ସୁପ୍ରିୟା ସାହୁଙ୍କୁ ପରିବେଶ କ୍ଷେତ୍ରରେ ପ୍ରେରଣାଦାୟୀ କାର୍ଯ୍ୟପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି ।

## ଗୋଆ ଫାୟାର

୨୫ ଜଣଙ୍କର ପ୍ରାଣହାନି ଘଟିଥିବା ଗୋଆ ନାଇଟ୍ କ୍ଲବର ୨ ମାଲିକ ଗୌରବ ଲୁଥ୍ରା ଏବଂ ସୌରଭ ଲୁଥ୍ରାଙ୍କ ପାସ୍ପୋର୍ଟକୁ ରଦ୍ଦ କରିବା ପାଇଁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ବିଚାର କରୁଛି । ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡ଼ିଛି, ଏ ସଂକ୍ରାନ୍ତରେ ଗୋଆ ସରକାରଙ୍କଠାରୁ ମନ୍ତ୍ରଣାଳୟକୁ ଆବେଦନ କରାଯାଇଛି । ପ୍ରଚଳିତ ଆଇନ ଅନୁଯାୟୀ ଉଭୟଙ୍କର ପାସ୍ପୋର୍ଟ ରଦ୍ଦ କରାଯିବା ଆବେଦନ ଉପରେ ବିଚାର ବିମର୍ଶ କରାଯାଉଥିବା ଜଣାପଡ଼ିଛି ।

# ଭିପି-ପିଏମ୍ : ସୁବ୍ରମଣ୍ୟା ଭାରତୀ

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବିଶିଷ୍ଟ କବି ସୁବ୍ରମଣ୍ୟା ଭାରତୀଙ୍କ ଜନ୍ମବାର୍ଷିକୀ ଅବସରରେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଉପରାଷ୍ଟ୍ରପତି ତାଙ୍କ ନିବାସସ୍ଥଳୀରେ ମହାକବି ସୁବ୍ରମଣ୍ୟା ଭାରତୀଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରି ସାମାଜିକ ଗଣମାଧ୍ୟମରେ କହିଛନ୍ତି, ସ୍ୱର୍ଗତ ଭାରତୀ ତାଙ୍କର ଦେଶପ୍ରେମ, ସମାନତା ଓ ମାନବିକ ମର୍ଯ୍ୟାଦାରେ ଭରପୂର କବିତା ଦ୍ୱାରା ବହୁ ଲୋକଙ୍କୁ ଅନୁପ୍ରାଣିତ କରିପାରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଅଗଣିତ ଦେଶବାସୀଙ୍କ ମନରେ ସ୍ୱର୍ଗତ ଭାରତୀ ସାହସ, ଶକ୍ତି ଭରି ଦେଇଛନ୍ତି । ତାମିଲ ସାହିତ୍ୟକୁ ଋଦ୍ଧିମନ୍ତ କରିବାରେ ସ୍ୱର୍ଗତ ଭାରତୀଙ୍କ ଅବଦାନ ଅତୁଳନୀୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

---

# କ୍ରିକେଟ

ଚଣ୍ଡିଗଡର ଆନ୍ତର୍ଜାତିକ ମୁଲାନପୁର କ୍ରିକେଟ ଷ୍ଟାଡିୟମଠାରେ ଆଜି ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦ୍ୱିତୀୟ ଟି-୨୦ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହେବ । ଏହି ମ୍ୟାଚ୍ ଭାରତୀୟ ସମୟ ରାତି ୭ଟାରେ ଆରମ୍ଭ ହେବ। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଭାରତ ବର୍ତ୍ତମାନ ୧-୦ରେ ଆଗୁଆ ଅଛି । ଗତ ୯ ତାରିଖରେ କଟକ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ଦକ୍ଷିଣ ଆଫ୍ରିକାକୁ ୧୦୧ ରନ୍‌ରେ ପରାସ୍ତ କରିଥିଲା । ସିରିଜ୍‌ର ତୃତୀୟ ମ୍ୟାଚ୍ ଧର୍ମଶାଳାରେ ହେବାକୁ

ଥିବାବେଳେ, ଚତୁର୍ଥ ମ୍ୟାଚ୍ ଲକ୍ଷ୍ନୌରେ ଏବଂ ଅନ୍ତିମ ମ୍ୟାଚ୍ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ ।